## ସଂକ୍ଷେପରେ

### କଲେଜର ନୂତନ ଶ୍ରେଣୀଗୃହ କୋଠା ଉଦ୍‌ଘାଟିତ

ରାୟଗଡ଼ା ଅଫିସ,୨୦।୧୦- ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ନିର୍ମିତ ନୂତନ ଶ୍ରେଣୀଗୃହ କୋଠା ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ ସ୍ୱଧା ଦେବ ସିଂ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ରୂପେ ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା, କଲେଜ ଅଧକ୍ଷ ଭିଆର୍ ରତ୍ନଶ୍ରୀ, କଲେଜ ବୋର୍ଡ ସଦସ୍ୟ ନିରଞ୍ଜନ ବକ୍ସିପାତ୍ରଙ୍କ ସମେତ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଭିତ୍ତିଭୂମି ବିକାଶ ସକାଶେ ବିଶ୍ୱବ୍ୟାଙ୍କ ପାଣ୍ଠିରୁ ୧୦ କୋଟି ୫୨ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ତେବେ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀଛାତ୍ରଙ୍କ ପାଇଁ କଲେଜ ପରିସରରେ ଉକ୍ତ ଶ୍ରେଣୀଗୃହ ନିର୍ମାଣ ହୋଇଛି। ଉକ୍ତ କୋଠା ୪ କୋଟି ୭୫ ଲକ୍ଷ ବ୍ୟୟରେ ନିର୍ମାଣ ହୋଇଥିବା ଜଣାପଡ଼ିଛି।

### ଟିକିରି ସ୍ୱାସ୍ଥ୍ୟକେନ୍ଦ୍ରରେ ପୁଣି ଡାକ୍ତର ଅଭାବ



ଟିକିରି,୨୦।୧୦(ଡି.ଏନ୍.ଏ.)- ରାୟଗଡ଼ା ଜିଲା କାଶୀପୁର ବ୍ଲକ ଅନ୍ତର୍ଗତ ଟିକିରି ସ୍ୱାସ୍ଥ୍ୟକେନ୍ଦ୍ରରେ ପୁଣି ଡାକ୍ତରଙ୍କ ଅଭାବ। ୫ ଦିନ ହେଲା ଡାକ୍ତରଖାନାରେ ଡାକ୍ତର ନ ଥିବାରୁ ରୋଗୀସେବା ବାଧାପ୍ରାପ୍ତ ହୋଇଛି। କିଛିମାସ ତଳେ ଟିକିରିରେ ଝାଡ଼ାବାନ୍ତି ଅଣାୟତ୍ତ ହୋଇଥିବାବେଳେ ଏଠାରେ ଜଣେ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଥିଲା। ଏହାପରେ ଅଞ୍ଚଳର ରୋଗୀ ଚିକିତ୍ସା ସୁବିଧା ପାଉଥିଲେ। ଏବେ ପୁଣି ରୋଗୀସେବା ବିପର୍ଯ୍ୟସ୍ତହୋଇଛି।ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ବାରମ୍ବାର ଦାବି ପରେ ଜଣେ ଡାକ୍ତରଙ୍କୁ ଅସ୍ଥାୟୀ ଭାବେ ନିଯୁକ୍ତି ଦିଆଯାଉଥିବାବେଳେ ଏଠାରେ ସ୍ଥାୟୀ ଡାକ୍ତର ପଦବୀ ପୂରଣ କରାଯାଉନାହିଁ। ଅସ୍ଥାୟୀ ଭାବେ ନିଯୁକ୍ତି ପାଉଥିବା ଡାକ୍ତର ଏଠାରେ ମାତ୍ର ଦୁଇରୁ ତିନି ମାସ ରହିବା ପରେ ଅନ୍ୟତ୍ର ବଦଳି ହୋଇ ଚାଲିଯାଉଛନ୍ତି। ଡାକ୍ତର ନ ରହିବା କାରଣରୁ ଅନେକ ସମୟରେ ଗୁରୁତର ରୋଗୀ ଏବଂ ଦୁର୍ଘଟଣାଗ୍ରସ୍ତଙ୍କ ପ୍ରାଥମିକ ଚିକିତ୍ସା ଅଭାବରୁ ମୃତ୍ୟୁ ଘଟୁଛି। କିଛିଦିନ ତଳେ ଟିକିରି ତୋଟାଗୁଡ଼ାରେ ଏକ ଦୁର୍ଘଟଣା ଘଟିଥିଲା। ଗୁରୁତର ଯୁବକଙ୍କୁ ଟିକିରି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିବା ସମୟରେ କେହି ଡାକ୍ତର ନ ଥିଲେ। ତାଙ୍କୁ କାଶୀପୁର ନେବା ସମୟରେ ବାଟରେ ମୃତ୍ୟୁ ଘଟିଥିଲା। ତେଣୁ ଜିଲା ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଦୃଷ୍ଟିଦେଇ ଟିକିରି ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ସ୍ଥାୟୀ ଡାକ୍ତରଙ୍କୁ ନିଯୁକ୍ତି ଦେବାପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

### ପଦ୍ମପୁର ଥାନାରେ ନୂତନ ଆଇଆଇସି



ପଦ୍ମପୁର,୨୦।୧୦ (ଡି.ଏନ୍.ଏ.)- ରାୟଗଡ଼ା ଜିଲା ପଦ୍ମପୁର ଥାନାରେ ନୂତନ ଆଇଆଇସି ଭାବେ ରାଜେଶ ବଳିୟାରସିଂ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଥିପୂର୍ବରୁ ସେ ଦେବଗଡ଼ ଜିଲାରେ କାର୍ଯ୍ୟରତ ଥିଲେ। ଦାୟିତ୍ୱ ଗ୍ରହଣ ଅବସରରେ ବଳିୟାରସିଂ କହିଛନ୍ତି, କୌଣସି ପରିସ୍ଥିତିରେ କିମ୍ବା କାହା ଚାପରେ ଅଞ୍ଚଳରେ ଦୁର୍ନୀତିକୁ ପ୍ରଶ୍ରୟ ଦିଆଯିବ ନାହିଁ। ସେହିପରି ଏଥିପୂର୍ବରୁ ପଦ୍ମପୁର ଥାନା ଅଧିକାରୀ ଥିବା ସୌଦାମିନୀ ବେହେରାଙ୍କୁ ରାୟଗଡ଼ା ଏସ୍‌ପିଙ୍କ କାର୍ଯ୍ୟାଳୟକୁ ବଦଳି କରାଯାଇଛି। ସୂଚନାଯୋଗ୍ୟ, ପଦ୍ମପୁରରେ ଦିନକୁ ଦିନ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡ଼ିବାରେ ଲାଗିଛି। ଚୋରି, ଡକାୟତି, ହିଂସା, ବେଆଇନ ଗଞ୍ଜେଇ ଚାଲାଣ, ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି, ଟ୍ରାଫିକ ସମସ୍ୟା ଭଳି ସମସ୍ୟାର ସମାଧାନ ହେବ ବୋଲି ଅଞ୍ଚଳବାସୀ ଆଶା ରଖିଛନ୍ତି।

### ଛାତ୍ରୀଛାତ୍ରଙ୍କ ଔଦ୍ୟୋଗିକ ପରିଭ୍ରମଣ

ଗୁଣପୁର,୨୦।୧୦(ଡି.ଏନ୍.ଏ.)- ରାୟଗଡ଼ା ଜିଲା ଗୁଣପୁର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ଧନ୍ଦାମୂଳକ ଶିକ୍ଷା ଅନ୍ତର୍ଗତ ଅଟୋମେଟିଭ ଟ୍ରେଡ ଯଥା ମୋଟରଯାନ କାରିଗରିର ଛାତ୍ରୀଗଣ ଔଦ୍ୟୋଗିକ ପରିଭ୍ରମଣରେ ସ୍ଥାନୀୟ ବିଟ୍‌ସ କଲେଜକୁ ଯାଇଥିଲେ। ସେଠାରେ ସେମାନେ ମୋଟରଯାନର ବିଭିନ୍ନ ଅଂଶର କାର୍ଯ୍ୟ ପ୍ରଣାଳୀ, ମରାମତି ଆଦି ବିଷୟରେ ଅଧାପକ ପ୍ରଭୁଦତ୍ତ, ସାଗର ଆଚାରି, ବିନୋଦ ବୈଦ୍ୟଭୂଷଣଙ୍କ ଠାରୁ ତାଲିମ ନେଇଥିଲେ। ନୂତନ ଜ୍ଞାନକୌଶଳର ଆବଶ୍ୟକତା ଏବଂ ଉପଯୋଗିତା ବିଷୟରେ ଜ୍ଞାନ ଆହରଣ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଏଲ. ତିରୁମଲା ଏଥିରେ ସହଯୋଗ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାହୁ, ଧନ୍ଦାମୂଳକ ଶିକ୍ଷାର ପ୍ରଶିକ୍ଷକ ଆକାଶ ପାଣିଗ୍ରାହୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି ସହଯୋଗ କରିଥିଲେ।

# ମହିଳାଙ୍କ ବିଭିନ୍ନ ଚାଷ ପ୍ରତି ଆଗ୍ରହ ଦେଖି ଖୁସିହେଲେ

■ ରାୟଗଡ଼ା ଗସ୍ତରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ସଚିବ

■ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା

ବିଷମକଟକ,୨୦।୧୦(ଡି.ଏନ୍.ଏ.)

ରାଜ୍ୟ ମତ୍ସ୍ୟ ଏବଂ ପଶୁ ସମ୍ପଦ ବିକାଶ ବିଭାଗ ସଚିବ ସୁରେଶ କୁମାର ବଶିଷ୍ଟ ଦୁଇ ଦିନିଆ ରାୟଗଡ଼ା ଜିଲା ଗସ୍ତରେ ଆସି ଗୁରୁବାର ବିଷମକଟକ ବ୍ଲକ ଏବଂ ରାୟଗଡ଼ା ବ୍ଲକରେ ବିଭିନ୍ନ ଉନ୍ନୟନ କାର୍ଯ୍ୟର ଅନୁଧ୍ୟାନ ଓ ସମୀକ୍ଷା କରିଛନ୍ତି। ଏହି ସମୟରେ ବିଭିନ୍ନ ଚାଷୀ ଓ ହିତାଧିକାରୀଙ୍କ ସହ ସେ ଆଲୋଚନା କରିଛନ୍ତି। ସଚିବଙ୍କ ସହ ରାୟଗଡ଼ା ଜିଲାପାଳ ସ୍ୱଧା ଦେବ ସିଂ ଏବଂ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

ସଚିବ ପ୍ରଥମେ ବିଷମକଟକ ବ୍ଲକ ଅନ୍ତର୍ଗତ ଭାତପୁର ଠାରେ ୫-ଟିଅଧୀନରେ ରୂପାନ୍ତରିକରଣ ବିଦ୍ୟାଳୟକୁ ଯାଇ ଉନ୍ନୟନ କାର୍ଯ୍ୟର ଅନୁଧ୍ୟାନ କରିଥିଲେ। ଏଠାରେ ବିଷମକଟକ ପଞ୍ଚାୟତ ସମିତି ଅଧ୍ୟକ୍ଷା ଯଶୋଦା ହୁଇକା, ବିଡିଓ ଏବଂ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ସଚିବ ଏବଂ ଜିଲାପାଳଙ୍କୁ ବିଭିନ୍ନ କାର୍ଯ୍ୟ ବିଷୟରେ ଅବଗତ କରାଇଥିଲେ। ଏହାପରେ ଅଧିକାରୀମାନେ ଚାଟିକଣା ସ୍ଥିତ ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା ପରିସରରେ ଚାଲିଥିବା କାପଡ଼ାଗୁନ୍ଦା ସାଲ ବୁଣା ପ୍ରଶିକ୍ଷଣ ଶିବିରକୁ ଯାଇ ତାଲିମ ନେଉଥିବା ମହିଳାଙ୍କ ସହ ବ୍ୟକ୍ତିଗତ ଭାବେ ଆଲୋଚନା କରିଥିଲେ। ସେହିପରି ଚାଟିକଣା ଠାରେ ରୂପାନ୍ତିକରଣ ହୋବାକୁ ଥିବା ହାଇସ୍କୁଲ ଗସ୍ତ ପରେ ଗତିଗୁଡ଼ା ନିକଟସ୍ଥ ରାସ୍ତା ପାଖରେ ରହିଥିବା କୁକୁଡ଼ା ଫାର୍ମକୁ ଯାଇ ଆନୁଷାଙ୍ଗିକ ବ୍ୟବସ୍ଥା ଦେଖିବା ସହ ଫାର୍ମ କରିଥିବା ମହିଳା ଚାଷୀ ସ୍ୱିତାରାଣୀ ହିଆଲଙ୍କ ସହ ବ୍ୟକ୍ତିଗତ ଭାବେ ଫାର୍ମର ଲାଭ କ୍ଷତି ବିଷୟରେ ଆଲୋଚନା କରିଥିଲେ। ଆଗକୁ ଆହୁରି ସରକାରଙ୍କ ବିଭିନ୍ନ ପ୍ରକାର ଯୋଜନାରେ ସାମିଲି ହୋଇ କିପରି ଅଧିକ ପରିମାଣର ଲାଭ ପାଇପାରିବେ ସେ ନେଇ ପରାମର୍ଶ ଦେଇଥିଲେ। ଏହାପରେ ବିଷମକଟକ ବ୍ଲକ ଢେପାଗୁଡ଼ା ଠାରେ ଏସ୍‌ଏଚ୍‌ଜି ଦ୍ୱାରା ପରିଚାଳିତ ବାୟୋଫ୍ଲକ୍ ମାଛଚାଷ ପ୍ରକଳ୍ପ ପରିଦର୍ଶନ କରି ସେଠାରେ ମହିଳା ଗୋଷ୍ଠୀଙ୍କ ସହ ମିଶି ୮ ଟି ଟ୍ୟାଙ୍କରେ କେତେ ଟଙ୍କା ଖର୍ଚ୍ଚ କରିଛନ୍ତି ଓ ସେମାନଙ୍କୁ ଗୋଟିଏ ଟ୍ୟାଙ୍କ ପିଛା କେତେ ଟଙ୍କା ଲାଭ ମିଳୁଛି ସେ ବିଷୟରେ ଆଲୋଚନା କରିଥିଲେ। ୧୫ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଲାଭ ମେହିଳାମାନେ ସଚିବଙ୍କୁ ଜଣାଇଥିଲେ। ସେହିପରି ନିୟମଗିରି ଅଞ୍ଚଳରେ ଉତ୍ପାଦିତ ସ୍ୱତନ୍ତ୍ର ହଳଦୀ କିପରି ବଜାରକୁ ଯିବ ଏବଂ ଚାଷୀ ଲାଭ ପାଇବେ ସେ ବିଷୟରେ ମଧ୍ୟ ଆଲୋଚନା କରିଥିଲେ। ମହିଳାଙ୍କ ଚାଷପ୍ରତି ଆଗ୍ରହ ଦେଖି ସଚିବ ଖୁସି ବ୍ୟକ୍ତ କରିଥିଲେ। ଏହି ମହିଳାମାନଙ୍କୁ ସରକାରଙ୍କ ଅନ୍ୟ ଯୋଜନାରେ ସାମିଲ କରିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହାଟମୁନିଗୁଡ଼ା ସ୍ଥିତ ଆଦର୍ଶ ପୋଖରି ଏବଂ ନବେ ହଜାର ଅଣ୍ଡା ଉତ୍ପାଦନ ବିଶିଷ୍ଟ କୁକୁଡା ଫାର୍ମ ଗସ୍ତ ସାରି ରାୟଗଡ଼ା ଫେରିଥିଲେ। ସଚିବଙ୍କ ଗସ୍ତ ସମୟରେ ଜଲା ପ୍ରକଳ୍ପ ଅଧିକାରୀ ରବି ନାରାୟଣ ତ୍ରିପାଠୀ, ଜିଲା ପ୍ରାଣୀ ଚିକିତ୍ସାଧିକାରୀ ହାଡ଼ିବନ୍ଧୁ ଭୋଇ, ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଚମ୍ପେଶ୍ୱର ଭରତିଆ, ଜିଲା ମତ୍ସ୍ୟ ସମ୍ପଦ ଅଧିକାରୀ ତୁଳାକାନ୍ତି ତେଜନ, ବିଷମକଟକ ବିଡିଓ ସଦାଶିବ ନାୟକ ବ୍ଲକ ଅଧ୍ୟକ୍ଷା ଯଶୋଦା ହୁଇକା, ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ, ସହକାରୀ ଯନ୍ତ୍ରୀ ପ୍ରତ୍ୟୁଷ କୁମାର ତ୍ରିପାଠୀ, ପ୍ରଶାନ୍ତ କୁମାର ପାଣିଗ୍ରାହୀ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶୁଭପ୍ରଦା ସାସମାଲ, ଡିକେଡିଏ ପ୍ରକଳ୍ପ ପରିଚାଳକ ସୁଦର୍ଶନ ପାଢ଼ୀ ଏବଂ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



ଚାଷୀଙ୍କ ଠାରୁ ସଂଗ୍ରହ ହଳଦୀ ଦେଖିବା ସହ ଏହାର ବଜାରିକରଣ ନେଇ ଆଲୋଚନା କରୁଛନ୍ତି।

# ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

ରାୟଗଡ଼ା ଅଫିସ,୨୦।୧୦

ରାୟଗଡ଼ା ସହର ଉପକଣ୍ଠ ସିରିଗୁଡ଼ା ସ୍ଥିତ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟରେ ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା ଏହାର ଉଦ୍‌ଘାଟନ କରିଛନ୍ତି। ଏଥିରେ ସମ୍ମାନୀତ ଅତିଥି ଭାବେ ଆଇଟିଡିଏର ପିଏ ପଦ୍ମଚରଣ ନାୟକ, ଜିଲା ସମାଜ ମଙ୍ଗଳ ଅଧିକାରୀ ଅଶୋକ କୁମାର ଶତପଥୀ, ଜିଲା କ୍ରୀଡ଼ା ଅଧିକାରୀ ଶେଖ୍ ଅଲିନୁର, ସ୍କୁଲର ଅଧକ୍ଷ ସନ୍ତୋଷ କୁମାର ପାତ୍ର, ଏସ୍‌ଏସ୍‌ଡି ସିଆଇ ଶ୍ୟାମଘନ ଭୂୟାଁ, ଶତ୍ରୁଘ୍ନ ମଲ୍ଲିକ, ଗ୍ରାମ୍ୟ ଶିକ୍ଷା କମିଟି ସଭାପତି କାନ୍ତାରାଓ ବିଡିକା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କ୍ରୀଡ଼ା ପ୍ରତିଯୋଗିତାରେ ଭଲିବଲ, ଟେବୁଲ ଟେନିସ, ବ୍ୟାଡମିଣ୍ଟନ, ତୀରନ୍ଦାଜ, ଯୋଗ ଆଦି ୫ଟି ବର୍ଗରେ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି। ବିଭିନ୍ନ ବର୍ଗର ୨୬୨ କ୍ରୀଡ଼ାବିତ ଏଥିରେ ଅଂଶଗ୍ରହଣ କରିଛନ୍ତି। ପ୍ରତିଯେଗିତାରେ ରାଜ୍ୟର ୧୭ ଜିଲାର ୩୨ ସ୍କୁଲର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗିତାକୁ ସ୍କୁଲର କ୍ରୀଡ଼ା ଶିକ୍ଷକ ନରସିଂହ ପାତ୍ରଙ୍କ ସମେତ ବିଭିନ୍ନ ସ୍କୁଲରୁ ଆସିଥିବା କ୍ରୀଡ଼ା ଶିକ୍ଷକ ଓ ସ୍କୁଲ ଶିକ୍ଷୟିତ୍ରୀ ଶିକ୍ଷକ ଖେଳ ପରିଚାଳନାରେ ସହଯୋଗ କରୁଛନ୍ତି। ଶୁକ୍ରବାର ପ୍ରତିଯୋଗିତା ଉଦ୍‌ଯାପିତ ହେବ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିରିକ୍ତ ଜିଲାପାଳ, ଆଇଟିଡିଏ ପିଏ ଓ ଅନ୍ୟ ଅତିଥିମାନେ ।

## ରୋଗୀସେବାରେ ଲାଗିଲା ମାଗଣା ଆମ୍ବୁଲାନ୍ସ

ମୁନିଗୁଡ଼ା,୨୦।୧୦(ଡି.ଏନ୍.ଏ.)- ରାୟଗଡ଼ା ଜିଲା ମୁନିଗୁଡା ବ୍ଲକର ଦୁର୍ଗମ ଇଚ୍ଛାପୁର ଗାଁରେ ଗୁରୁବାର ଜଣେ ଅସୁସ୍ଥ ବାଳିକାର ଚିକିତ୍ସା ନିମନ୍ତେ ଆମ୍ବୁଲାନ୍ସର ଆବଶ୍ୟକତା ପଡ଼ିଥିଲା। ହେଲେ ୧୦୮ ଆମ୍ବୁଲାନ୍ସଟି ଦୂର ଗାଁକୁ ଯାଇଥିବାରୁ ଚାଳକ ଅସମର୍ଥ ଦର୍ଶାଇଥିଲେ। କୌଣସି ଉପାୟ ନ ପାଇ ଅସୁସ୍ଥ ବାଳିକାଙ୍କ ପରିବାର ଲୋକେ ଜିଲା ବିଜେଡି ସଭାପତି ରତନଲାଲ ଜୈନଙ୍କୁ ଯୋଗାଯୋଗ କରିବାରୁ ଓଡ଼ିଶା ମୋ ପରିବାର ପକ୍ଷରୁ କିଛିଦିନ ତଳେ ବ୍ଲକକୁ ଯୋଗାଇ ଦିଆଯାଇଥିବା ଆମ୍ବୁଲାନ୍ସକୁ ସେ ଇଚ୍ଛାପୁର ଗାଁକୁ ପଠାଇଥିଲେ। ଉକ୍ତ ଆମ୍ବୁଲାନ୍ସରେ ଗୌରୀଙ୍କୁ ଚିକିତ୍ସା ନିମନ୍ତେ ମୁନିଗୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଡାକ୍ତରଖାନା ନେବାରେ ମୁନିଗୁଡ଼ା ଯୁବ ବିଜେଡି ସଭାପତି ସିମାଞ୍ଚଳ ଦାସ, ସାମାଜିକ କର୍ମୀ ସନ୍ତୋଷ କୁମାର ପାଢ଼ୀ ପ୍ରମୁଖ ସହଯୋଗ କରିଥିଲେ। ସହାୟତା କରିଥିଲେ। ତେବେ ବାଳିକାଙ୍କ ଦୀର୍ଘଦିନ ହେଲା ଅସୁସ୍ଥ ଥିବାବେଳେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ମୁନିଗୁଡ଼ାରୁ ୧୦୮ ଅମ୍ବୁଲାନ୍ସ ଯୋଗେ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପୂର୍ବରୁ ବାଳିକାଙ୍କ ଚିକିତ୍ସା ଅମ୍ବାଦୋଳାରେ କରାଯାଇଥିଲେ ମଧ୍ୟ ରୋଗ ଜଣାପଡ଼ି ନ ଥିଲା। ସଚେତନତା ଅଭାବରୁ ପରିବାର ଲୋକେ ଦେଶୀ ଚିକିତ୍ସା କରାଉଥିଲେ। ଏବେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ପୁଣି ଡାକ୍ତରଖାନାକୁ ନିଆଯାଇଛି।



# ୨ ଗୋଷ୍ଠୀ ବିବାଦରୁ ହୋଇପାରିଲାନି ଗ୍ରାମସଭା

ଡାବୁଗାଁ, ୨୦।୧୦ (ଡି.ଏନ୍.ଏ.)

୮ ବର୍ଷ ହେଲାଣି ଗାଁର ୨ଗୋଷ୍ଠୀ ମଧ୍ୟରେ ଜଙ୍ଗଲ ଜମିକୁ ନେଇ ଲାଗି ରହିଛି ବିବାଦ। ଗୁରୁବାର ଏହାର ସମାଧାନ ପାଇଁ ଗ୍ରାମସଭା କରାଯାଇଥିଲା। କିନ୍ତୁ ଗୋଟିଏ ଗୋଷ୍ଠୀ ସଭାକୁ ଆସି ନ ଥିଲେ। ତେଣୁ ଏହାର ସମାଧାନ ହୋଇପାରି ନ ଥିଲା।

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଉମୁରାହାଣ୍ଡି ଗ୍ରାମରେ ଜଙ୍ଗଲ ଜମିକୁ ନେଇ ବିବାଦ ରହିଛି। ଜଙ୍ଗଲ ଜମି ନିୟମାନୁଯାୟୀ, କେତେଜଣ ପଟ୍ଟା ମିଳିଥିବା ଜମିରୁ ଅଧିକ ଜାଗା ମାଡି ବସିଛନ୍ତି ବୋଲି ଆଉ ଏକ ଗୋଷ୍ଠୀ ଏହାକୁ ବିରୋଧ କରିଥିଲେ। ସେବେଠାରୁ ଉଭୟ ଗୋଷ୍ଠୀ ମଧ୍ୟରେ ବିବାଦ ଲାଗିଛି। ପ୍ରତି ବର୍ଷ ଗ୍ରାମସଭାରେ ଏହାର ସମାଧାନ ପାଇଁ ଚେଷ୍ଟା କରାଯାଉଛି, କିନ୍ତୁ ଏହାର ସମାଧାନ ହୋଇପାରୁ ନାହିଁ। ଏହା ମଧ୍ୟରେ ଗୁରୁବାର ନବରଙ୍ଗପୁର ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଡାବୁଗାଁ ତହସିଲଦାର କୃଷ୍ଣଚନ୍ଦ୍ର ଦାସ, ବିଡିଓ ଶରତ ମାଝି, ବନାଞ୍ଚଳ ଅଧିକାରୀ ସେତୁରଞ୍ଜନୀ ଗମାଙ୍ଗୋ, ଥାନାଧିକାରୀ ପ୍ରମୋଦ ନାୟକ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରିୟଚାନ୍ଦ ମଲ୍ଲିକ, ଡାବୁଗାଁ ବନପାଳ ମଧୁସୂଦନ ପାତ୍ର, ଜଟାବାଲ ବନପାଳ ଧନୁର୍ଜୟ ନାୟକ, ମଇଦଳପୁର ବନପାଳ ଉମାକାନ୍ତ ପଟ୍ଟନାୟକ, ରାଜସ୍ୱ ନିରୀକ୍ଷକ ଚିନ୍ମୟ ବେହେରା ପ୍ରମୁଖ ଗ୍ରାମସଭା ପାଇଁ ଗାଁକୁ ଯାଇଥିଲେ, କିନ୍ତୁ ଗୋଟିଏ ଦଳ ଏଠାକୁ ଆସି ନ ଥିଲେ। ଅଧିକାରୀମାନେ ଯାଇଥିଲେ ମଧ୍ୟ ସେମାନେ ଗ୍ରାମସଭାରେ ଉପସ୍ଥିତ ହେବାକୁ ମନା କରି ଦେଇଥିଲେ। ଫଳରେ ଗ୍ରାମସଭା ହୋଇପାରି ନ ଥିଲା।



ଉମୁରାହାଣ୍ଡିରେ ଗ୍ରାମବାସୀ ଓ ଅନ୍ୟମାନେ।




ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

rgdselfie@gmail.com



@ ବାସୁଦେବ



@ ମହେନ୍ଦ୍ର



@ ପଦ୍ମା



@ ମୁରଲୀଧର



@ ସତ୍ୟବ୍ରତ



@ ମହମ୍ମଦ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ପୂର୍ବତନ ଉପ ବାଚସ୍ପତି ପ୍ରହ୍ଲାଦ ଦୋରା, ସ୍ତ୍ରୀ ରତ୍ନମାଳାଙ୍କ ଶ୍ରାଦ୍ଧ ବାର୍ଷିକୀ

ମାଥିଲି,୨୦।୧୦(ଡି.ଏନ.ଏ.)-

ମାଲକାନଗିରି ଜିଲା ମାଥିଲି ବ୍ଲକର ପାଙ୍ଗମ ଗ୍ରାମର ହାତୀରମ ଗୁରୁ ବିଦ୍ୟା ମନ୍ଦିର ପୀଠରେ ପ୍ରହଲ୍ଲାଦ ଦୋରା ଓ ରତ୍ନମାଳା ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ପୂର୍ବତନ ଉପବାଚସ୍ପତି ପ୍ରହଲ୍ଲାଦ ଦୋରା ଓ ସ୍ତ୍ରୀ ରତ୍ନମାଳାଙ୍କ ପ୍ରଥମ ଶ୍ରାଦ୍ଧବର୍ଷିକୀ ପାଳିତ ହୋଇଛି। ଏହି ଅବସରରେ ପ୍ରତିମୂର୍ତ୍ତି ପ୍ରତିଷ୍ଠା ହୋଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ପଛୁଆ ବର୍ଗ ସଂଖ୍ୟା ଲଘୁ ଓ ଆଇନ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା ଓ ସମ୍ମାନିତ ଅତିଥି ଭାବେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝୀ ଯୋଗ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ରାୟଗଡା ବିଧାୟକ ମକରନ୍ଦ ମୁଦୁଲି, ବରିଷ୍ଠ ନେତା ଗଙ୍ଗାଧର ମୁଦୁଲି , ପୂର୍ବତନ ଉପ ଜିଲାପାଳ ଗତିକୃଷ୍ଣ ପାତ୍ର, ପୂର୍ବତନ ବିଧାୟକ ମାନସ ମାଡକାମୀ, ପୂର୍ବତନ ବିଧାୟକ ଡମ୍ବରୁ ଶୀସା, ଜିଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲ, ପୌର ଅଧ୍ୟକ୍ଷ ମନୋଜ ବାରିକ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ପଦ୍ମିନୀ ମୁଦୁଲି, ପୂର୍ବତନ ପୌର ଅଧ୍ୟକ୍ଷା ରାଜବନ୍ତ କୌର, ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା, ସାଧାରଣ ସମ୍ପାଦକ ଗୋପାଳ କୃଷ୍ଣ ପଣ୍ଡା ,ବରିଷ୍ଠ ନେତା ହଳଧର ପୂଜାରୀ , ନେତା ଶରତ ବୁରୁଦା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଏମ.ଡି. ଆକବର ପରିଚାଳନା କରିଥିଲେ।

# ଏକଲବ୍ୟ ଆଦର୍ଶ ବିଦ୍ୟାଳୟରେ କ୍ରୀଡ଼ା ପ୍ରତିଯୋଗିତା

ଗୁଣପୁର,୨୦।୧୦(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ସହର ବିକ୍ରମପୁର ସ୍ଥିତ ଏକଲବ୍ୟ ଆଦର୍ଶ ବିଦ୍ୟାଳୟରେ ୩ୟ ରାଜ୍ୟସ୍ତରୀୟ ଏକଲବ୍ୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପିଲାଙ୍କ ମଧ୍ୟରେ ୩ ଏବଂ ୫ କି.ମି. ଚାଲିବା ପ୍ରତିଯୋଗିତା ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଗୁଣପୁର ଭାରପ୍ରାପ୍ତ ଉପଜିଲାପାଳ ଲୋକନାଥ ଦଳବେହେରା ଉଦ୍‌ଘାଟନ କରିଥିଲେ। ଏଥିରେ ରାଜ୍ୟର ବିଭିନ୍ନ ଏକଲବ୍ୟ ବିଦ୍ୟାଳୟର ଜଣେ ଲେଖାଏ ପିଲା ଯୋଗ ଦେଇଥିଲେ। ବାଳିକା ବିଭାଗରେ ୩ କିମି ଚାଲି ପ୍ରତିଯୋଗିତାରେ ମୟୁରଭଞ୍ଜ ଜିଲାର ମମାଲି ହେମ୍ବ୍ରମ ଏବଂ ବାଳକ ବର୍ଗର ୫ କିମି ଚାଲିରେ ଗଜପତି ଜିଲା ଚନ୍ଦ୍ରଗିରି ଆଦର୍ଶ ବିଦ୍ୟାଳୟର ରାଜୁ ଗମାଙ୍ଗ ପ୍ରଥମ ହୋଇଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଗୁଣପୁର ଉପଜିଲାପାଳ ଲୋକନାଥ ଦେଳବେହେରାଙ୍କ ସମେତ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଏ. ଶ୍ରୀନିବାସ ଆଚାରୀ, ଭାରସିଂ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ଦାସ, ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରର ବି. ଛାୟାପତି ପ୍ରମୁଖ ଯୋଗ ଦେଇଥିଲେ। ଏକଲବ୍ୟ ବିଦ୍ୟାଳୟର ଅଧ୍ୟକ୍ଷ ଅନନ୍ତ କୁମାର ତ୍ରିପାଠୀ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ବିଭିନ୍ନ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଯଥା ଶିକ୍ଷକ ସୁନିଲ ଗୌଡ଼, ମନୋଜ କୁମାର ତୁଳ, ଭାନୁ ପଟ୍ଟନାୟକ, ଅପର୍ଣ୍ଣା ପାତ୍ର, ଅଲିଭା ଜ୍ୟୋତି ଦେଓ, ଶ୍ୟାମସୁନ୍ଦର ନାୟକ, କେ. କିରଣ କୁମାର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



ଗୁଣପୁର ଉପଜିଲାପାଳ ଚାଲି ପ୍ରତିଯୋଗିତାକୁ ଉଦ୍‌ଘାଟନ କରୁଛନ୍ତି।

## ମୁରାନ ନଦୀରୁ ଗଳିତ ମୃତଦେହ ଜବତ

ଦଶମନ୍ତପୁର,୨୦।୧୦ (ଡି.ଏନ.ଏ.)

ତିନି ଦିନ ଖୋଜାଖୋଜି ପରେ ଗୁରୁବାର ମୁରାନ ନଦୀରୁ ଜଣେ ବ୍ୟକ୍ତିଙ୍କ ଗଳିତ ମୃତଦେହ ଉଦ୍ଧାର ହୋଇଛି। ସେ ହେଲେ ଦୁଆରଶୁଣି ପଞ୍ଚାୟତ ଅଙ୍ଗାରଗୁଡା ଗ୍ରାମର ଦ୍ୱିବଳ ଦିଶାରି (୪୦)। ଏନେଇ ମୁରାନ ଫାଣ୍ଡିରେ ଦ୍ୱିବଳଙ୍କ ପୁଅ ନିତ୍ୟା ଜଣାଇବା ପରେ ଫାଣ୍ଡି ଅଧିକାରୀ ମନୁଆ ବିଡିକାଙ୍କ ସହ ପୋଲିସ ଟିମ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ମଙ୍ଗଳବାର ଦ୍ୱିବଳ କୌଣସି କାମରେ ଘରୁ ବାହାରି କେଉଁଆଡ଼େ ଯାଇ ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନଥିଲେ । ବୁଧବାର ସନ୍ଧ୍ୟାରେ ଦ୍ୱିବଳଙ୍କ ବଡଭାଇ ଧନେଶର ଦିଶାରି ନଦୀକୁ ଗାଧୋଇବାକୁ ଯାଇଥିବା ବେଳେ ମୃତଦେହ ପାଣିରେ ଭାସୁଥିବା ଦେଖି ପରିବାର ଓ ଗ୍ରାମବାସୀଙ୍କୁ ଜଣାଇଥିଲେ। ପରିବାର ଲୋକେ ମୃତଦେହ ଚିହ୍ନଟ କରି ଏସମ୍ପର୍କରେ ଫାଣ୍ଡିକୁ ଜଣାଇଥିଲେ।

# ଛାତରୁ ଗଳୁଛି ପାଣି, ବାରଣ୍ଡାରେ ପଢୁଛନ୍ତି ଛାତ୍ରୀଛାତ୍ର

ନନ୍ଦାହାଣ୍ଡି,୨୦।୧୦(ଡି.ଏନ୍.ଏ.)

ସରକାର ବିଦ୍ୟାଳୟଗୁଡ଼ିକୁ ୫-ଟିରେ ଅନ୍ତର୍ଭୁକ୍ତ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରାଇ ଏହାକୁ ସ୍ମାର୍ଟ ସ୍କୁଲରେ ପରିଣତ କରୁଛନ୍ତି। କିନ୍ତୁ ଏମିତି କେତେକ ସ୍କୁଲ ରହିଛି ଯାହା ଏବେବି ଅବହେଳିତ। ଏହାର ଏକ ଉଦାହରଣ ହେଉଛି ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ସାଗରମୁଣ୍ଡା ପ୍ରାଥମିକ ବିଦ୍ୟାଳୟ।

ଏହି ସ୍କୁଲରେ ମୋଟ ୧୩୧ ଜଣ ଛାତ୍ରୀଛାତ୍ର ଅଛନ୍ତି। ସେମାନଙ୍କ ପାଇଁ ୪ ଜଣ ଶିକ୍ଷକ ଅଛନ୍ତି। ଶିକ୍ଷକ ଛାତ୍ର ଅନୁପାତ ହିସାବରେ ଏଠାରେ ୫ ଜଣ ଶିକ୍ଷକ ଆବଶ୍ୟକ। କିନ୍ତୁ ଜଣେ ଶିକ୍ଷକ କମ୍ ଥିବାରୁ ପାଠପଢ଼ାରେ ଅସୁବିଧା ହେଉଛି। କେବଳ ୪ଟି କ୍ଲାସ୍‌ରୁମ୍ ଥିବା ବେଳେ ଗୋଟିଏ କ୍ଲାସ୍‌ରୁମ୍‌ରୁ ପାଣି ଗଳୁଛି। କାନ୍ଥ ମଧ୍ୟ ବିପଜ୍ଜନକ ଅବସ୍ଥାରେ। ତେଣୁ ଛାତ୍ରୀଛାତ୍ର ଏବେ ବାରଣ୍ଡାରେ ବସି ପାଠ ପଢୁଛନ୍ତି। ଏନେଇ ଅଭିଭାବକମାନେ ମଧ୍ୟ ବହୁବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ ବୋଲି ସେମାନେ କହିଛନ୍ତି। ଉପାନ୍ତ ଅଞ୍ଚଳରେ ଛାତ୍ରୀଛାତ୍ରମାନେ ଏହିଭଳି ଶୋଚନୀୟ ଅବସ୍ଥାରେ ପାଠ ପଢିବା ପାଇଁ ବାଧ୍ୟ ହେଉଥିବା ଏକ ଦୁଃଖଦ ବିଷୟ ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି। ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଏ ବିଷୟରେ ପଚାରିବାରୁ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଏହାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ତାଙ୍କ ରିପୋର୍ଟ ଆସିବା ପରେ ଏହାର ସମାଧାନ କରାଯିବ ବୋଲି ସେ ନିଜ ପ୍ରତିକ୍ରିୟାରେ କହିଛନ୍ତି।



ପିଲାମାନେ ସ୍କୁଲ ବାରଣ୍ଡାରେ ବସି ପଢୁଛନ୍ତି।

**ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ବିଭିନ୍ନ ହୋଟେଲ ଚଢ଼ାଉ**

ମାଲକାନଗିରି,(ଡି.ଏନ୍.ଏ)-ଗୁରୁବାର ସହରର ବିଭିନ୍ନ ହୋଟେଲ ଉପରେ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ହୋଟେଲର ପରିବେଶ, ଖାଦ୍ୟର ମାନ ସହ ଖାଦ୍ୟ ତିଆରି ହେଉଥିବା ବିଭିନ୍ନ ସାମଗ୍ରୀର ମାନ ତଦାରଖ କରାଯାଇଥିଲା। ଯେଉଁ ସ୍ଥାନରେ ସେହି ଖାଦ୍ୟ ରଖାଯାଉଛି ତାହା କେତେ ଉପଯୋଗୀ ସେନେଇ ତଦାରଖ କରାଯାଇଥିଲା। ଖରାପ ସାମଗ୍ରୀ ରଖିଥିବା ହୋଟେଲ ମାଲିକଙ୍କୁ ଜରିମାନା କରାଯାଇଛି। ଚଢ଼ାଉରେ ପୌର ନିର୍ବାହୀ ଅଧିକାରୀ କାହ୍ନୁ ଚରଣ ପଟ୍ଟନାୟକଙ୍କ ସହ ଅନ୍ୟମାନେ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ସବୁଜ ପରିବାର ଆବଶ୍ୟକତା ବୁଝିଲେ ଛାତ୍ରୀଛାତ୍ର



ଗୁଡ଼ାରୀ,୨୦।୧୦(ଡି.ଏନ୍.ଏ.)-ଗୁଡାରୀ ସହର ସ୍ଥିତ ଆର୍ଯ୍ୟନ୍ ଇଂଲିଶ ମିଡିଅମ ସ୍କୁଲରେ 'ଗ୍ରୀନ୍ ସାଲାଡ୍ ଡେ' ପାଳିତ ହୋଇଯାଇଛି। 'ସ୍ୱାସ୍ଥ୍ୟ ହିଁ ସମ୍ପଦ' ବାର୍ତ୍ତା ସହ ସୁସ୍ଥ ଶରୀର ପାଇଁ ସବୁଜ ପରିବାର ଆବଶ୍ୟକତା ବିଷୟରେ ଆଲୋଚନା କରିଥିଲେ। ମସ୍ତିଷ୍କର ବିକାଶ, ଶରୀରର ଅଭିବୃଦ୍ଧି ନିମନ୍ତେ ସବୁଜ ପରିବା କିପରି କାର୍ଯ୍ୟ କରିଥାଏ ସେ ବିଷୟରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଶିକ୍ଷୟିତ୍ରୀ ମାନେ ସଚେତନ କରାଇଥିଲେ। ଛାତ୍ରୀଛାତ୍ର ବିଭିନ୍ନ ସବୁଜ ପରିବାର ବେଶ ଧାରଣ କରି ସମ୍ପୃକ୍ତ ପରିବାରୁ ମିଳୁଥିବା ଭିଟାମିନ ଏବଂ ଶରୀର ପ୍ରତି ଏହାର ଆବଶ୍ୟକତା ବିଷୟରେ ଅଭିନୟ ମାଧ୍ୟମରେ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ରାମନଗୁଡ଼ା ଏବଂ ପଦ୍ମପୁର ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗ ନେଇଥିଲେ। ଆର୍ଯ୍ୟନ୍ ଇଂଲିଶ ମିଡିୟମ ବିଦ୍ୟାଳୟର ଅଧକ୍ଷା ରଶ୍ମିତା ଦାସଙ୍କ ନେତୃତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ମାଁ ଗଜଲକ୍ଷ୍ମୀଙ୍କ ଭସାଣି ଉତ୍ସବ ସମ୍ପନ୍ନ

ଗୁଣପୁର,୨୦।୧୦(ଡି.ଏନ୍.ଏ.)-ଗୁଣପୁର ସହର ବ୍ଲକ ଅଫିସ ସମ୍ମୁଖ ମରାଠିଗୁଡ଼ାଠାରେ ୯ ଦିନ ବ୍ୟାପି ଚାଲିଥିବା ମାଁ ଗଜଲକ୍ଷ୍ମୀଙ୍କ ପୂଜା ଉଦ୍‌ଯାପିତ ହୋଇଛି। ଗୁରୁବାର ଭସାଣି ଉତ୍ସବ ସମ୍ପନ୍ନ ହୋଇଛି। ଜାଗୃତି ସାଂସ୍କୃତିକ ସଂଘ ପକ୍ଷରୁ ମାଁଙ୍କ ପୂଜା ଆୟୋଜନ କରାଯାଇଥିଲା। କର୍ତ୍ତାଭାବେ ସୂର୍ଯ୍ୟ ନାରାୟଣ ରଥ ଏବଂ ପୂଜକ ଭାବେ ନବୀନ ରଥଙ୍କ ନେତୃତ୍ୱରେ ପୂଜା କାର୍ଯ୍ୟ ସମ୍ପାଦନା ହୋଇଥିଲା। ୯ ଦିନ ବ୍ୟାପି ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ସୁନ୍ଦର ତୋରଣସାଙ୍ଗକୁ ଆକର୍ଷଣୀୟ ମେଢ଼ ଏବଂ



ଆଲୋକମାଳାରେ ପୂଜା ମଣ୍ଡପ ଝଲସି ଉଠିଥିଲା। ପୂର୍ଣ୍ଣାହୁତି ସହ ଘଟ ବିସର୍ଜନ ହେବା ପରେ ମାଁଙ୍କ ପ୍ରତିମାକୁ ଶୋଭାଯାତ୍ରାରେ ନିଆଯାଇ ବଂଶଧାରା ନଦୀରେ ବିସର୍ଜନ କରାଯାଇଥିଲା। ବହୁସଂଖ୍ୟାରେ ମହିଳା ସମେତ ଶ୍ରଦ୍ଧାଳୁ, ସଂଘ କର୍ମକର୍ତ୍ତା ଏବଂ ସଦସ୍ୟ ଉପସ୍ଥିତ ଥିଲେ। ଜାଗୃତି ସାଂସ୍କୃତିକ ସଂଘର ସଭାପତି ମନ ରଞ୍ଜନ ରଥ, କାର୍ଯ୍ୟକାରୀ ସଭାପତି ସୋମେଶ୍ୱର ସାମଲ, ଉପସଭାପତି କମଳାକାନ୍ତ ଖୁଣ୍ଟିଆ ଏବଂ ସମ୍ପାଦକ ଶିବ ପ୍ରସାଦ ମହାପାତ୍ର, ଯୁଗ୍ମ ସମ୍ପାଦକ ଡମ୍ବରୁଧର ଗୌଡ଼ଙ୍କ ତତ୍ତ୍ୱାବଧାନରେ ପୂଜା କାର୍ଯ୍ୟ ଆଡମ୍ବରରେ ସମାପନ ହୋଇଥିଲା।

### ଅକ୍ସିଜେନ ପାଇପ ଚୋରି

ଜୟପୁର, ୨୦।୧୦ (ନି.ପ୍ର.)- ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଲାଗିଥିବା କପର ପାଇପ ଅକ୍ସିଜେନ ପାଇପ ଚୋରି ହୋଇଯାଇଛି। ଏହାର ପରିମାଣ ଶହେ ମିଟର ବୋଲି ଜଣାପଡିଛି। ଏନେଇ ଜୟପୁର ସଦର ଥାନାରେ ଅଭିଯୋଗ ପରେ ପୋଲିସ ଚିକିତ୍ସାଳୟରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅକ୍ସିଜେନ ପ୍ଲାଣ୍ଟରୁ କିପରି ପାଇପ ଲାଗିଥିଲା ତାହାର ଅନୁଧ୍ୟାନ କରିଛି। ଖବର ପାଇ ଜୟପୁର ଉପ ଜିଲାପାଳ ବେଦବର ପ୍ରଧାନ, ଏସ୍‌ଡିପିଓ ଅରୁପ ଅଭିଷେକ ବେହେରା ପହଞ୍ଚି ଚିକିତ୍ସାଳୟର ସୁପରିଟେଣ୍ଡେଣ୍ଟ ରବିନ୍ଦ୍ର ମିଶ୍ର ଓ ହସ୍ପିଟାଲ ମ୍ୟାନେଜର ରୁପସୀ ନାୟକଙ୍କ ସହ ଆଲୋଚନା କରିଛନ୍ତି।

# ରାଜ୍ୟସ୍ତରୀୟ ବାଳିକା କବାଡ଼ି ପ୍ରତିଯୋଗିତା ଉଦ୍‌ଘାଟିତ

ମାଲକାନଗିରି,୨୦।୧୦ (ଡି.ଏନ୍.ଏ)

ମାଲକାନଗିରି ଜିଲା ସଦର ମହକୁମା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଖେଳ ପଡିଆଠାରେ ଗୁରୁବାର ରାଜ୍ୟସ୍ତରୀୟ ବାଳିକା କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏହାକୁ ଅନୁସୂଚିତ ଜାତି ଓ ଜନଜାତି ମନ୍ତ୍ରୀ ଜଗନ୍ନାଥ ସାରକା ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧକ୍ଷା ସମାରୀ ଟାଙ୍ଗୁଲ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଇର୍ମା ମାଡକାମି, ସମନ୍ୱିତ ଆଦିବାସୀ ବିକାଶ ପ୍ରକଳ୍ପ ପ୍ରଶାସକ ତ୍ରିନାଥ ମାଝୀ, ଜିଲା ମଙ୍ଗଳ ଅଧିକାରୀ କୃପାସନ୍ଧୁ ବେହେରା, ଉପସ୍ଥିତ ଥିଲେ। ପ୍ରାରମ୍ଭରେ କ୍ରୀଡା ପତାକା ଉତୋଳନ କରି ରାଜ୍ୟର



ଚାଲିଥିବା ବାଳିକା କବାଡ଼ି ପ୍ରତିଯୋଗିତା ।

ସୁନ୍ଦରଗଡର ଭବାନୀପୁର, ନୂଆପଡା, ସୁନ୍ଦରଗଡର କୁଆଁରମୁଣ୍ଡା, ବାଙ୍ଗିରିପୋଷି, କନ୍ଧମାଳର ମହାସିଙ୍ଗ, ମୟୂରଭଞ୍ଜର ଧାଙ୍ଗେରା, ରାୟଗଡାର ବିକ୍ରମପୁର, ନବରଙ୍ଗପୁରର ହିରାଲି, ସୁନ୍ଦରଗଡର ଲହୁଣିପଡା, କୋରାପୁଟର ପୁଙ୍ଗାର, ଗଜପତିର ଚନ୍ଦ୍ରଗିରି, ଓ ମାଲକାନଗିରି ସହ ୧୫ଟି ଦଳ ଅଂଶଗ୍ରହଣ କରିଥିଲେ। ମନ୍ତ୍ରୀ ସାରକା ରାଜ୍ୟ ସରକାର କ୍ରୀଡାର ବିକାଶ ପାଇଁ ନେଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ବକ୍ତବ୍ୟ ଦେଇ ଅନୁସୂଚିତ ଜାତି ଓ ଜନଜାତରୁ ଛାତ୍ରୀମାନେ ଶିକ୍ଷା ସହ କ୍ରୀଡାରେ ପାରଦର୍ଶିତା ଲାଭ କରିବାକୁ ପରାମର୍ଶ ଦେଇଥିଲେ। ଏହି କ୍ରୀଡା ଦୁଇଦିନ ଧରି ଚାଲିବ। ଖେଳପଡିଆରେ ଘାସ ଏବଂ ଅପରିଷ୍କାର ହୋଇପଡିଛି। ନିମନ୍ତ୍ରିତ ଅତିଥି, ବିଭିନ୍ନ ବିଭାଗର ପଦାଧିକାରୀ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ ଟେଣ୍ଟ ବ୍ୟବସ୍ଥା କରାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା।

# କାର୍‌ରେ ନିଆଁ ଲଗାଇଦେଲେ ଦୁର୍ବୃତ୍ତ



ଜୟପୁର, ୨୦।୧୦ (ନି.ପ୍ର.)

ବୁଧବାର ବିଳମ୍ବିତ ରାତିରେ ଜୟପୁରରେ ଏକ କାର୍‌ରେ ଦୁର୍ବୃତ୍ତମାନେ ନିଆଁ ଲଗାଇଦେଇଛନ୍ତି। ଏହି କାରଟି ତାରିଣୀ ଛକ ନିକଟରେ ଥିବା ଜଗଦୀଶ ଚନ୍ଦ୍ର ନାୟକ ଉଚ୍ଚ ବିଦ୍ୟାଳୟରେ ୪ର୍ଥ ଶ୍ରେଣୀ କର୍ମଚାରୀ ରୂପେ କାର୍ଯ୍ୟ କରୁଥିବା ହେମଲତା ଟାକରିଙ୍କର ବୋଲି ଜଣାପଡିଛି। ସେ ବିଦ୍ୟାଳୟ ପରିସରରେ ସପରିବାର ରହୁଥିବା ବେଳେ ନିକଟରେ ସେ ସେକେଣ୍ଡହ୍ୟାଣ୍ଡ କାରଟିଏ କିଣିଥିଲେ। ଏହାକୁ ଘର ସମ୍ମୁଖରେ ରଖିଥିଲେ। ଦୁର୍ବୃତ୍ତମାନେ କାରରେ ନିଆଁ ଲଗାଇ ଦେବା ପରେ କାରର ହର୍ନ ବାଜିଥିଲା। ଏହି ଶବ୍ଦ ଶୁଣି ହେମଲତାଙ୍କ ସ୍ୱାମୀ ବୃନ୍ଦାବନ ଖରା ବାହାରକୁ ଆସି କାରରେ ନିଆଁ ଲାଗିଥିବା ଦେଖିବାକୁ ପାଇଥିଲେ। ଏନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ସୀମାନ୍ତ କୋଟିଆ ଗ୍ରାମରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ

ପଟ୍ଟାଙ୍ଗୀ,୨୦।୧୦(ଡି.ଏନ.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ଅନ୍ତର୍ଗତ ତଥା ପଡୋଶୀ ଆନ୍ଧ୍ର ରାଜ୍ୟ ସୀମାନ୍ତ କୋଟିଆ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଗୌରବ ଶିବାଜୀ ଇସୱାଲ ଗସ୍ତ କରି ବିଭିନ୍ନ ଉନ୍ନୟନାମୂଳକ କାର୍ଯ୍ୟ ତଦାରଖ କରି ଛନ୍ତି। ବ୍ଲକ ପ୍ରଶାସନ ପକ୍ଷରୁ ତଳ ଗଞ୍ଜେଇପଦର ଏବଂ କୋଟିଆ ପଞ୍ଚାୟତକାର୍ଯ୍ୟାଳୟ ସମ୍ମୁଖରେ ବିଜୁ ପକ୍କା ଘର କାର୍ଯ୍ୟାଦେଶ ଓ ବଳରାମ ଯୋଜନାରେ ଆର୍ଥିକ ସହାୟତା ବଣ୍ଟନ କାର୍ଯ୍ୟକ୍ରମରେ ଇସୱାଲ ଯୋଗଦେଇ ଫଗୁଣସିନେରି, ଫାଟୁସିନେରି, ମାଡକାର, ଉପରଗଞ୍ଜେଇ ପଦର, କୋଟିଆ, ଉପରପନିକି, ରଣାସିଙ୍ଗ ଏବଂ ନୂଆଗାଁ ପଞ୍ଚାୟତର ରଥିବାଲି ଗସ୍ତ କରି ରାଜ୍ୟ ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଆବାସ ଗୃହ ଓ ଏମ୍‌ଜିଏନଆରଇଜିଏସ୍ ଯୋଜନାର ତଦାରଖ କରିଥିଲେ। ମନ୍ଥର ଗତିରେ ଚାଲିଥିବା କାର୍ଯ୍ୟ ତରାନ୍ୱିତ କରିବାକୁ ବିଡ଼ିଓ ସୌମ୍ୟସାର୍ଥକ ମିଶ୍ର,ସହକାରୀ ଯନ୍ତ୍ରୀ ବିଶ୍ୱନାଥ ମାଦାଲି ଓ କନିଷ୍ଠ ଯନ୍ତ୍ରୀ ଅଜୟ ରାମ ତରାଇଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି କିପରି ପର୍ଯ୍ୟଟନ ସ୍ଥଳୀଗୁଡ଼ିକର ଉନ୍ନତି ଓ ରକ୍ଷଣାବେକ୍ଷଣ ହୋଇପାରିବ ସେଥିପ୍ରତି ଦୃଷ୍ଟି ଦେବାକୁ ବିଡ଼ିଓ ମିଶ୍ରଙ୍କୁ ପରାମର୍ଶ ଦେଇଥିଲେ।



ସୀମାନ୍ତ ଗ୍ରାମ ପରିଦର୍ଶନ କରୁଛନ୍ତି ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ।

## ଡ ମନୋରଞ୍ଜନ, ବର୍ଷାରାଣୀ ପାଇଲେ ରାଜ୍ୟ ପୁରସ୍କାର

ଜୟପୁର୨୦।୧୦ (ନି ପ୍ର)

ସରକାରୀ ମହିଳା ମହାବିଦ୍ୟାଳୟର ଅଧ୍ୟାପକ ତଥା ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଡ଼ ମନୋରଞ୍ଜନ ପ୍ରଧାନଙ୍କୁ ଜାତୀୟ ସେବା ଯୋଜନା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜ୍ୟ ପୁରସ୍କାରରେ ସମ୍ମାନିତ କରାଯାଇଛି। ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅଧିନସ୍ଥ ଜାତୀୟ ସେବା ଯୋଜନା ଶାଖା ଦ୍ୱାରା ଭୁବନେଶ୍ୱର ଜୟଦେବ ଭବନ ଠାରେ ଅନୁଷ୍ଠିତ ଏକ ଉତ୍ସବରେ ଡ଼ ପ୍ରଧାନଙ୍କୁ ୨୦୨୧–୨୨ବର୍ଷ ପାଇଁ ରାଜ୍ୟର ଶ୍ରେଷ୍ଠ କାର୍ଯ୍ୟକ୍ରମ ଅଧିକାରୀ ଭାବରେ ସମ୍ମାନିତ କରାଯାଇଥିବା ଜଣାପଡିଛି। ସେହି କଲେଜର ସ୍ୱେଚ୍ଛାସେବୀ ବର୍ଷାରାଣୀ ସାହୁଙ୍କୁ ବର୍ଷ ୨୦୨–୨୧ ପାଇଁ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ପୁରସ୍କୃତ କରାଯାଇଛି। ପୁରସ୍କାର ବିତରଣ ସମାରୋହରେ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ, ମୋ କଲେଜ ଅଭିଯାନର ଅଧକ୍ଷ ତଥା ବିଧାୟକ ଆକାଶ ଦାସ ନାୟକ, ବିଭାଗୀୟ ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ, ଜାତୀୟ ସେବା ଯୋଜନା ଓଡିଶାଙ୍କ ଆଞ୍ଚଳିକ ନିର୍ଦ୍ଦେଶିକା ସୁଶ୍ରୀ ସରିତା ପଟେଲ, ରାଜ୍ୟ ଜାତୀୟ ସେବା ଯୋଜନା ଅଧିକାରୀ ଡ଼ ରମେଶ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି ଡ ମନୋରଞ୍ଜନ ପ୍ରଧାନ ଓ ବର୍ଷାରାଣୀ ସାହୁଙ୍କୁ ମାନପତ୍ର,ମେଡାଲ ଓ ଅର୍ଥରାଶି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସୂଚନାଯୋଗ୍ୟ ଯୋଗ୍ୟ କି ଡ଼ ମନୋରଞ୍ଜନ ପ୍ରଧାନ ତାଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ବ୍ରହ୍ମପୁର ବିଶବିଦ୍ୟାଳୟ ତରଫରୁ ବିଶ୍ୱବିଦ୍ୟାଳୟର ଶ୍ରେଷ୍ଠ କାର୍ଯ୍ୟକ୍ରମ ଅଧିକାରୀ ଭାବରେ ଗତ ପୁରସ୍କୃତ ହୋଇଥିଲେ ଓ ଏବର୍ଷ ମଧ ବିଶ୍ୱବିଦ୍ୟାଳୟ ତରଫରୁ ଜିଲ୍ଲାର ଶ୍ରେଷ୍ଠ କାର୍ଯ୍ୟକ୍ରମ ଅଧିକାରୀ ଭାବରେ ଜାତୀୟ ସେବା ଯୋଜନା ପ୍ରତିଷ୍ଠା ଦିବସରେ ସମ୍ମାନିତ ହୋଇଥିଲେ। ସେହିପରି ବର୍ଷାରାଣୀ ସାହୁ ଦିଲ୍ଲୀ ରାଜପଥରେ ସାଧାରଣ ତନ୍ତ୍ର ଦିବସ ପ୍ୟାରେଡରେ ଯୋଗଦେଇ ଜିଲ୍ଲାବାସୀଙ୍କ ପାଇଁ ଗୌରବ ଆଣିଥିଲେ।

# ଦୁଇ ଦିନରେ ୫୦ ବକ୍ରପାତ ଶିଶୁଙ୍କ ଅସ୍ତ୍ରୋପଚାର

ମାଲକାନଗିରି,୨୦।୧୦ (ଡି.ଏନ୍.ଏ)

ମାଲକାନଗିରି ଜିଲା ପ୍ରଶାସନ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ସଦର ମହକୁମା ପୁରୁଣା ମେଡିକାଲ ପରିସରରେ ବୁଧବାର ଠାରୁ ଚାଲିଥିବା ବକ୍ରପାତ ଅସ୍ତ୍ରୋପଚାର ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିରରେ ୯୮ ଜଣ ନାମ ପଞ୍ଜୀକୃତ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୫୦ ଜଣ ଶିଶୁଙ୍କ ଅସ୍ତ୍ରୋପଚାର ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଅସ୍ତ୍ରୋପଚାର ପାଇଁ କଟକ ଜିଲା ଓଲଟପୁର ସ୍ୱାସ୍ଥ୍ୟ କେନ୍ଦ୍ରର ପି.କେ. ସାହୁ, କେ.ଏସ୍.ଏନ୍. ରାଓ, ସୁଧୀର ପ୍ରଧାନ, ନିବେଦିତା ରାଉତ, ଶ୍ରୀଲେଖା ରାଉଳ, ସୁଧୀର ନାୟକ, ଅକ୍ଷୟ ପଣ୍ଡା, ଜିତେନ୍ଦ୍ ଷଡଙ୍ଗୀ, ବନଲତା ବେହେରା, ସଂଜୟ ସାହୁ, ପ୍ରମୁଖ ଡାକ୍ତରମାନେ ଆସିଥିଲେ। ବୁଧବାର ୩୫ ଜଣ ଶିଶୁଙ୍କ ବକ୍ରପାତ ଅସ୍ତ୍ରୋପଚାର ହୋଇଥିବା ବେଳେ ଗୁରୁବାର ୧୫ ଜଣ ଶିଶୁଙ୍କ ଅସ୍ତ୍ରୋପଚାର ହୋଇଥିଲା। ଅସ୍ତ୍ରୋପଚାର କରାଯାଇଥିବା ସମସ୍ତ ଶିଶୁଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରଫୁଲ୍ଲ ନନ୍ଦ କହିଛନ୍ତି। ଡାକ୍ତରମାନଙ୍କୁ ମାଲକାନଗିରି ପୂର୍ବତନ ବିଧାୟକ ମାନସ ମାଡକାମି, ଜିଲା ଉନ୍ନୟନ ପରିଷଦ ଅଧକ୍ଷ ଆଡମା ରାବା, ବିଜେଡି ସାଧାରଣ ସମ୍ପାଦକ ଗୋପାଳ ପଣ୍ଡା, ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା ଶୁଭେଚ୍ଛା ଜଣାଇ ସେମାନଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ।



ଜଣେ ଶିଶୁଙ୍କ ବକ୍ରପାତ ଅସ୍ତ୍ରୋପଚାର କରାଯାଉଛି।

# ରାଜ୍ୟ ସରକାରଙ୍କୁ ଦୋଷଦେଲେ କେନ୍ଦ୍ରମନ୍ତ୍ରୀ

**କୋରାପୁଟରେ ଭାଜପାର ପରିବର୍ଦ୍ଧିତ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ**

କୋରାପୁଟ,୨୦।୧୦(ସ୍ୱ.ପ୍ର.)

କୋରାପୁଟସ୍ଥିତ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ପରିସରରେ ଭାଜପା ଅନୁସୁଚିତ ଜନଜାତି ମୋର୍ଚ୍ଚାର ଓଡିଶା ପ୍ରଦେଶ ପରିବର୍ଦ୍ଧିତ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଓ ପ୍ରାଦେଶିକ ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଘାଟିତ ହୋଇଛି । ଏହା ତିନିଦିନ ଧରି ଚାଲିବ। ଏହାକୁ ମୁଖ୍ୟଅତିଥି ରୂପେ ଯୋଗଦେଇ କେନ୍ଦ୍ର ଜଳ ସମ୍ପଦ ଓ ଆଦିବାସୀ କଲ୍ୟାଣ ମନ୍ତ୍ରୀ ବିଶେଶ୍ୱର ଟୁଡୁ ଉଦଘାଟନ କରିଛନ୍ତି। ଭାଜପା ଅନୁସୂଚିତ ଜନଜାତି ମୋର୍ଚ୍ଚାର ସଙ୍ଗଠନିକ ସ୍ଥିତି ଅଧିକ ମଜବୁତ କରିବାକୁ ସେ ନେତା ଓ କର୍ମୀଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି। ବୈଠକରେ ରାଜ୍ୟ ଅନୁସୁଚିତ ଜନଜାତି ମୋର୍ଚ୍ଚାର ରାଜ୍ୟ ସମ୍ପାଦକ କାଳିରାମ ମାଝି, ରାଜ୍ୟ ଉପସଭାପତି ବଳଭଦ୍ର ମାଝି, ଏମ୍‌ପି ତଥା ଡିପିସି ଅଧକ୍ଷ ଜୁଏଲ ଓରାମ, ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ଜନଜାତି ମୋର୍ଚ୍ଚା ପ୍ରଭାରୀ ଉସୁକି ଓରାମ, ଅନୁସୁଚିତ ଜନଜାତି ମୋର୍ଚ୍ଚାର ରାଷ୍ଟ୍ରୀୟ ଅଧକ୍ଷ ଲକ୍ଷ୍ମଣ ଟୁଡୁ , ପୂର୍ବତନ ଏମ୍‌ପି ପ୍ରର୍ଶୁରାମ ମାଝି, ଜିଲା ଭାଜପା ସଭାପତି ସୁମନ୍ତ ପ୍ରଧାନଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ଭାଜପାର ରାଜନୈତିକ ଚିଠା ପ୍ରସ୍ତାବ ଗୃହୀତ କରାଇଥିଲେ। କେନ୍ଦ୍ର ସରକାରଙ୍କ ପକ୍ଷରୁ ଅନସୂଚିତ ଜନଜାତି ପାଇଁ ପ୍ରତ୍ୟେକ ଆଦିବାସୀ ବ୍ଲକରେ ଏକଲବ୍ୟ ଆବାସିକ ଆଦର୍ଶ ବିଦ୍ୟାଳୟ ସ୍ଥାପନ ଲାଗି ଉଦ୍ୟମ ଜାରି ରହିଛି। ମାତ୍ର ରାଜ୍ୟ ସରକାର ବିଦ୍ୟାଳୟ ପାଇଁ ଆବେଶ୍ୟକ ଜାଗା ଓ ସ୍ଥାନ ନିରୁପଣରେ ବିଳମ୍ବ କରୁଛନ୍ତି। କେନ୍ଦ୍ର ସରକାରଙ୍କ ଅନୁଦାନରେ ରାଜ୍ୟରେ ବିଭିନ୍ନ ସ୍ଥାନରେ ଆଦିବାସୀ ଛାତ୍ରୀଙ୍କ ନିମନ୍ତେ ଆବାସିକ ବିଦ୍ୟାଳୟ ସ୍ଥାପନ କରାଯାଇଥିଲେ ମଧ ରାଜ୍ୟ ସରକାର ସେମାନଙ୍କ ସୁରକ୍ଷା ବ୍ୟବସ୍ଥା ପ୍ରତି ଗୁରୁତ୍ୱ ଦେଉ ନ ଥିବା ଭାଜପା ପକ୍ଷରୁ ଅଭିଯୋଗ କରାଯାଇଥିଲା। କେନ୍ଦ୍ର ସରକାର ପ୍ରତି ବ୍ଲକରେ ଡିଗ୍ରୀ କଲେଜ ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖିଥିବାବେଳେ ଏ ପର୍ଯ୍ୟନ୍ତ ନବରଙ୍ଗପୁର, ମାଲକାନାଗିରି ବ୍ଲକରେ ସରକାରୀ ଡିଗ୍ରୀ କଲେଜ ନାହିଁ। ରାଜ୍ୟରେ ବର୍ତ୍ତମାନ ଯାଏ ପେଷା ଅଧିନିୟମ ଲାଗୁ ହୋଇନାହିଁ ବୋଲି ପ୍ରକାଶ କରି କେନ୍ଦ୍ରୀୟ ନେତାମାନେ ରାଜ୍ୟ ସରକାରଙ୍କ ଉପରେ ଦୋଷ ଲଦିଥିଲେ। କେନ୍ଦ୍ରସରକାର କୋଟିଆରେ ହେଉଥିବା ବିଭିନ୍ନ କାର୍ଯ୍ୟ ନେଇ ସର୍ତକ ଦୃଷ୍ଟି ରଖିଛନ୍ତି। ଏନେଇ ଖୁବ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ଟୁଡୁ ପ୍ରକାଶ କରିଥିଲେ।




ଭାଜପାର ପରିବର୍ଦ୍ଧିତ ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ ଅତିଥି ।

# ବ୍ଲକସ୍ତରୀୟ କଳାକାର ଚୟନ କାର୍ଯ୍ୟକ୍ରମ

କୋଟପାଡ଼,୨୦।୧୦ (ଡି.ଏନ.ଏ.)

କୋରାପୁଟ ଜିଲ୍ଲା କୋଟପାଡ ବ୍ଲକ କାର୍ଯ୍ୟାଳୟ ପରିସର ଗୁରୁବାର ବିଡିଓଙ୍କ ଅଧକ୍ଷତାରେ ବ୍ଲକସ୍ତରୀୟ କଳାକାର ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୨୦ ଜଣ କଳାକାର ଭତ୍ତା ପାଇଁ ଚୟନ ହୋଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କଳାକାର ଭତ୍ତା ଯୋଜନାରେ ଚୟନ ହୋଇଥିବା କଳାକାରମାନେ ମାସିକ କଳାକାର ଭତ୍ତା ବାବଦରେ ମାସିକ ୧୨୦୦ଟଙ୍କା ପାଇବେ। କଳାକାର ମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ପ୍ରମାଣପତ୍ର ଦେବାସହ କଳାକାର ଭତ୍ତା ଯୋଜନାରେ ସାମିଲ କରିବା ସବୁବେଳେ ଗୁରୁତ୍ୱ ଦେବାକୁ ଉପସ୍ଥିତ ବରିଷ୍ଠ କଳାକାରମାନେ ମତ ଦେଇଥିଲେ। ଚୟନକର୍ତ୍ତା ରୂପେ ରଞ୍ଜନ ମହୁରିୟା, ବରିଷ୍ଠ ଲୋକ କଳାକାର ହେମନ୍ତ ପାତ୍ର, ମଞ୍ଚ ଅଭିନତା, ଜୟନ୍ତ ପଟ୍ଟନାୟକ, କଣ୍ଠଶିଳ୍ପୀ, ମଞ୍ଚନାଟକ ଅଭିନେତା, ଲେଖକ, ନିର୍ଦ୍ଦେଶକଙ୍କ ସମେତ ଅନ୍ୟମାନେ ଯୋଗ ଦେଇଥିଲେ। ଚୟନ ହୋଇଥିବା କଳାକାରମାନଙ୍କୁ ବିଡ଼ିଓ ସ୍ନେହଲତା ମାଝି ଦାରା ସମ୍ମାନିତ କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

## ମଦ ପିଇ ଗାଡି ଚଳାଇ ୫ କୋର୍ଟଚାଲାଣ

କୋରାପୁଟ,୨୦।୧୦(ସ୍ୱ.ପ୍ର.)

ମଦ ପିଇ ଗାଡି ଚଳାଉଥିବା ୫ ଜଣ ଡ୍ରାଇଭରଙ୍କୁ ଧରି କୋରାପୁଟ ଟାଉନଥାନା ପୋଲିସ ଗୁରୁବାର ସେମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଥାନା ଅଧିକାରୀ ଧୀରେନ ପଟ୍ଟନାୟକ କହିଛନ୍ତି। ବୁଧବାର ଧରପଗଡ ବେଳେ ସହରର ତ୍ରିନାଥ ମନ୍ଦିରସାହିର ଲିଙ୍ଗୁରାଜ ପ୍ରଧାନ, ନିଶାଣିମୁଣ୍ଡା ସାହିର କୃଷ୍ଣ ଚନ୍ଦ୍ର ଦାଶ ଏବଂ ଦୁଲାରାମ ପ୍ରଧାନଙ୍କୁ ପୋଲିସ ଧରିଥିଲା। ଗୁରବାର ସିନେମାହଲ ନିକଟରୁ ବାଳକ୍ରିଷ୍ଣା ଦାସ ଓ ପୋଲିସ ଲାଇନରୁ ସରୋଜ କୁମାର ସ୍ୱାଇଁଙ୍କୁ ଧରାଯାଇଥିବା ସେ ପ୍ରକାଶ କରିଛନ୍ତି।

# ଭୀମ ଭୋଇ ଭିନ୍ନକ୍ଷମ ଶିବିର

କୋରାପୁଟ,୨୦।୧୦(ସ୍ୱ.ପ୍ର. )

କୋରାପୁଟ ବ୍ଲକ ପ୍ରଶାସନ ଏବଂ ପୌର ପରିଷଦ ପକ୍ଷରୁ ମିଳିତ ଭାବେ ଗୁରୁବାର ସ୍ଥାନୀୟ ସରକାରୀ ବିଦ୍ୟାଳୟ ପରିସରରେ ଦିବ୍ୟାଙ୍ଗଙ୍କ ପାଇଁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଦିବ୍ୟାଙ୍ଗ ଭଉଣୀଭାଇମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ଦିବ୍ୟାଙ୍ଗ ପ୍ରମାଣପତ୍ର ଯୋଗାଇଦେବା, ବିଭିନ୍ନ ସରକାରୀ ସୁବିଧା ସୁଯୋଗରେ ସେମାନଙ୍କୁ ଅନ୍ତର୍ଭୁକ୍ତ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ଶିବିରରେ ଅତିଥିଭାବେ ପୌରାଧକ୍ଷ ଲଲାଟ ରଞ୍ଜନ ସେଠୀ, ନମିତା ମାଝି, ସିମାଞ୍ଚଳ ମହାପାତ୍ର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲିପ ହିଆଲଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ବିଡିଓ ନରେନ୍ଦ୍ର ନାୟକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପିଙ୍କି ଅଡାରି, ଲିପିକା ଭତ୍ରା,ନିତୀନ ଭୁକ୍ତା ଶିବିର ପରିଚାଳନା କରିଥିଲେ । ଶହୀଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ ଡାକ୍ତରମାନେ ଦିବ୍ୟାଙ୍ଗଙ୍କୁ ପରୀକ୍ଷା ନିରୀକ୍ଷା କରି ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରିବାକୁ ଅନୁମୋଦନ କରିଥିଲେ ।

# ମୁର୍କାର ପଞ୍ଚାୟତରେ ବିଜେଡିର ପଦଯାତ୍ରା

ଦଶମନ୍ତପୁର,୨୦।୧୦ (ଡି.ଏନ.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ମୁର୍କାର ପଞ୍ଚାୟତରେ ଗୁରୁବାର ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଉପାଧକ୍ଷ ଅରୁଣ ଚେଟୀଙ୍କ ନେତୃତ୍ୱର ହୋଇଥିବା ଏହି କାର୍ଯ୍ୟକ୍ରମରେ ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନୀ, ଜିଲା ବିଜେଡି ଉପସଭାପତି ନାରାୟଣ ବିଶୋୟୀ, ପୂର୍ବତନ ବିଧାୟକ କୈଳାସ କୁଲେସିକା, ବ୍ଲକ ସଭାପତ ମହେନ୍ଦ୍ର କୁଲଦୀପ, ସମ୍ପାଦକ ସୁରେଶ ସୁବୁଦ୍ଧି, ଯୁବ ସଭାପତି ଆଶିଷ ଚେଟ୍ଟୀ, ଚିକାମ୍ବ ସମିତିସଭ୍ୟ ପଦ୍ମନାଭ ଜାନି, ଧନୁ ବିଶୋୟୀ, ଅନନ୍ତ ଖରା, ପ୍ରତାପ ଖୋସଲା, ଭାସ୍କର ମହାନନ୍ଦିଆଙ୍କ ସମେତ ୧୬ଟି ପଞ୍ଚାୟତର ଶତାଧିକ କର୍ମୀ ଏଥିରେ ସାମିଲ ହୋଇଥିଲେ। ଗାନ୍ଧି ଜୟନ୍ତୀ ଅକ୍ଟୋବର ୨ରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ନଭେମ୍ବର ୨ଯାଏ ଚାଲିବ ବୋଲି ବ୍ଲକ ଉପାଧକ୍ଷ ଚେଟ୍ଟୀ ସୂଚନା ଦେଇଛନ୍ତି।




ବିଜେଡି ପକ୍ଷରୁ ବାହାରିଥିବା ଜନସମ୍ପର୍କ ପଦଯାତ୍ରା।

# ଯକ୍ଷ୍ମାରୋଗୀଙ୍କୁ ପୋଷ୍ୟ ରୂପେ ଗ୍ରହଣ କରିବାକୁ ଗୁରୁତ୍ୱ

**ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ ସମ୍ବନ୍ଧୀୟ ଜିଲାସ୍ତରୀୟ ବୈଠକ**

- ମିଳୁଥିବା ଅର୍ଥ ସୁଷମ ଖାଦ୍ୟ ପାଇ ଯଥେଷ୍ଟ ନୁହେଁ
- ୮ ଜଣ ବ୍ୟକ୍ତି ୨୦ ଜଣଙ୍କୁ ପୋଷ୍ୟ ରୂପେ ଗ୍ରହଣ କଲେ
- ବିଭିନ୍ନ ପ୍ରସ୍ତାବ ଦେଲେ ଅତିରିକ୍ତ ଜିଲାପାଳ

ମାଲକାନଗିରି,୨୦।୧୦ (ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ରକ୍ତଭଣ୍ଡାର ସମ୍ମିଳନୀ କକ୍ଷରେ ପ୍ରଧାନମନ୍ତ୍ରୀ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନର ଏକ ଜିଲାସ୍ତରୀୟ ବୈଠକ ମୁଖ୍ୟ ଚିକିତ୍ସାଧିକାରୀ ପ୍ରଫୁଲ୍ଲ ନନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲା ପରିଷଦ ଅଧକ୍ଷା ସମାରି ଟାଙ୍ଗୁଲ, ମାଲକାନଗିରି ବିଧାୟକ ପ୍ରତିନିଧି ସଞ୍ଜୟ ଚକ୍ରବର୍ତ୍ତୀ, ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବଳଭଦ୍ର ଦୀପ, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଶଶୀ ଭୂଷଣ ମହାପାତ୍ର, ବିଭିନ୍ନ ବିଭାଗର ପଦାଧିକାରୀ, ଜିଲ୍ଲାର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଗଣମାଧ୍ୟମ ପ୍ରତିନିଧି ମାନେ ଉପସ୍ଥିତ ଥିଲେ। ଜାତୀୟ ଯକ୍ଷ୍ମା ମୂଳପୋଛ କାର୍ଯ୍ୟକ୍ରମର ଜିଲା ସଂଯୋଜକ ବାବୁଜୀ ଖରା ସୂଚନା ଦେଇଥିଲେ। ଗତ ସେପ୍ଟେମ୍ବର ୯ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆମ ଦେଶର ଯକ୍ଷ୍ମା ରୋଗୀମାନଙ୍କ ସୁସ୍ଥ ପାଇଁ ସରକାରୀ ସ୍ତରରେ ପଦକ୍ଷେପ ନିଆ ଯାଇଥିଲେ ମଧ ଏହି ରୋଗୀମାନଙ୍କୁ ତୁରନ୍ତ ସୁସ୍ଥ କରିବାକୁ ସାଧାରଣ ଲୋକେ ଆଗେଇ ଆସିବା ପାଇଁ ଆହ୍ୱାନ ଦେଇ ପ୍ରଧାନମନ୍ତ୍ରୀ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ ଶୁଭାରମ୍ଭ କରିଥିଲେ।

ମାଲକାନଗିରି ଜିଲାରେ ୯୬୧ ଜଣ ଯକ୍ଷ୍ମାରୋଗୀ ଚିହ୍ନଟ ହୋଇଥିବା ବେଳେ ସେମାନଙ୍କ ଚିକିତ୍ସା ପାଇଁ ସ୍ୱାସ୍ଥ୍ୟ ବିଭାଗ ସମସ୍ତ ଔଷଧ ଯୋଗାଇ ଦେଉଛି। ସାଧାରଣ ବର୍ଗ ରୋଗୀଙ୍କ ପାଇଁ ମାସିକ ୫୦୦ ଟଙ୍କା ଓ ଆଦିବାସୀ ବର୍ଗର ରୋଗୀଙ୍କ ପାଇଁ ୭୫୦ ଟଙ୍କା ସୁଷମ ଖାଦ୍ୟ ଖାଇବା ପାଇଁ ପ୍ରଦାନ କରାଯାଉଥିଲେ ମଧ ଏହି ଅର୍ଥ ସେମାନଙ୍କ ପାଇଁ ଯଥେଷ୍ଟ ହେଉନାହିଁ ଯେକୌଣସି ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବ୍ୟକ୍ତି ବିଶେଷ, ପଦାଧିକାରୀ, ବୁଦ୍ଧିଜୀବୀ ଏହି ରୋଗୀମାନଙ୍କୁ ପୋଷ୍ୟ ରୋଗୀ ଭାବେ ଗ୍ରହଣ କରି ସେମାନଙ୍କୁ ସୁଷମ ଖାଦ୍ୟ ଯୋଗାଇ ଦେଲେ ରୋଗୀମାନେ ଶୀଘ୍ର ସୁସ୍ଥ ହୋଇପାରିବେ ବୋଲି ମୁଖ୍ୟ ଚିକିତ୍ସାଧିକାରୀ ନନ୍ଦ ପ୍ରକାଶ କରିଥିଲେ। ବୈଠକରେ ଉପସ୍ଥିତ ୮ ଜଣ ବ୍ୟକ୍ତି ୨୦ ଜଣ ଯକ୍ଷ୍ମା ରୋଗୀଙ୍କୁ ପୋଷ୍ୟ ରୋଗୀ ଭାବେ ଗ୍ରହଣ କରିବାକୁ ଘୋଷଣା କରିଥିଲେ। ଆଗାମୀ ଦିନରେ ଜିଲାରେ ଏହି ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଇ ଯେପରି ଅଧିକରୁ ଅଧିକ ପୋଷ୍ୟରୋଗୀ ଗ୍ରହଣ ହୋଇପାରିବ ସେନେଇ ଅତିରିକ୍ତ ଜିଲାପାଳ ନାୟକ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ସଂଯୋଜକ ହରିବନ୍ଧୁ ଦେଶିନାୟକ ଧନ୍ୟବାଦ ଦେଇଥିଲେ।



ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ ସମ୍ପର୍କିତ ବସିଥିବା ବୈଠକରେ ଅଧିକାରୀମାନେ ଆଲୋଚନା କରୁଛନ୍ତି।

